# ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଲିମିଟେଡ୍

ବନାମ

ବ୍ୟାଙ୍କର କର୍ମଚାରୀଗଣ

[ପତଞ୍ଜଳି ଶାସ୍ତ୍ରୀ ପ୍ରଧାନ ନ୍ୟାୟାଧୀଶ, ମୁଖାର୍ଜୀଆ, ଏସ୍. ଆର୍. ଦାସ, ଗୁଲାମ୍ ହାସନ୍ ଏବଂ ଭଗବତୀ, ନ୍ୟାୟମୂର୍ତ୍ତିବୃନ୍ଦ]

*ଶିଳ୍ପ ବିବାଦ ଅଧିନିୟମ, 1947, ଧାରା 33-ଶିଳ୍ପ ବିବାଦ-ନ୍ୟାୟାଧିକରଣଙ୍କୁ ବିଚାରର୍ଥେ ପ୍ରେରଣ-ନୂତନ ଆଧାରରେ ଧର୍ମଘଟ-ନ୍ୟାୟାଧିକରଣ ସମ୍ମୁଖରେ କାର୍ଯ୍ୟାନୁଷ୍ଠାନ ବିଚାରଧୀନତା ସମୟରେ ଧର୍ମଘଟକାରୀମାନଙ୍କୁ ବରଖାସ୍ତ କରିବା-ବୈଧତା- ଧାରା 33 ର ପରିସର ।*

ଏକ ଶିଳ୍ପ ନ୍ୟାୟାଧିକରଣ ସମ୍ମୁଖରେ ଏକ ବ୍ୟାଙ୍କ ଏବଂ ଏହାର ଶ୍ରମିକଗଣଙ୍କୁ ପ୍ରତିନିଧିତ୍ୱ କରୁଥିବା କର୍ମଚାରୀମାନଙ୍କ ସଂଘ ମଧ୍ୟରେ କେତେକ ବିବାଦ ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ବିଚାରଧୀନତାବେଳେ, ଉତ୍ତରଦାତାମାନେ ଏକ ହଜାରରୁ ଅଧିକ ସଂଖ୍ୟକ ଅନ୍ୟ ଶ୍ରମିକଙ୍କ ସହ ଏକ ନୂତନ ବିବାଦକୁ ନେଇ ଏକ ସାଧାରଣ ଧର୍ମଘଟ ଆରମ୍ଭ କରିଥିଲେ । ଧର୍ମଘଟକାରୀମାନଙ୍କୁ ବରଖାସ୍ତ କରାଯାଇଥିଲା ଏବଂ ଅନ୍ୟ ଏକ ନ୍ୟାୟାଧିକରଣଙ୍କୁ ବିଚାରର୍ଥେ ପ୍ରେରଣ ପରେ, ସେହି ନ୍ୟାୟାଧିକରଣ ଦ୍ୱାରା ଏହା ବିଚାର କରାଯାଇଥିଲା ଯେ ଧର୍ମଘଟ ଅବୈଧ ଥିଲା ଏବଂ ବରଖାସ୍ତ ବିଧି ସମ୍ମତ ଥିଲା । ଆବେଦନ ପରେ, ଶ୍ରମ ଅପିଲ ନ୍ୟାୟାଧିକରଣ ନିଷ୍ପତ୍ତି ଦେଇଥିଲେ ଯେ ଯଦିଓ ଧର୍ମଘଟ ଅବୈଧ ଥିଲା, ବ୍ୟାଙ୍କ ଏହାକୁ କ୍ଷମା କରିଦେଇଥିଲା ଏବଂ ତେଣୁ ବରଖାସ୍ତ ଅବୈଧ ଥିଲା ଏବଂ ପୁନଃସ୍ଥାପନ ଆଦେଶ ଦେଇଥିଲା । ପରବର୍ତ୍ତୀ ଆବେଦନ ପରେ;

ଏହା ବିଚାର କରାଯାଇଥିଲା ଯେ ଶିଳ୍ପ ବିବାଦ ଅଧିନିୟମ, 1947 ର ଧାରା 33 ଅନୁଯାୟୀ, ଏକ ଶିଳ୍ପ ବିବାଦ ସମ୍ବନ୍ଧରେ, ବ୍ୟାଙ୍କ ଏବଂ ଏହାର ଶ୍ରମିକମାନଙ୍କ ମଧ୍ୟରେ ଅନ୍ୟ ଏକ ନ୍ୟାୟାଧିକରଣ ସମ୍ମୁଖରେ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଥିବାରୁ, ଧର୍ମଘଟ ଅବୈଧ ଥିଲା ଏବଂ ବ୍ୟାଙ୍କ ଏହାକୁ କ୍ଷମା କରିନଥିଲା ବୋଲି ବିବେଚନା କରି, ସେହି ନ୍ୟାୟାଧିକରଣଙ୍କ ଲିଖିତ ଅନୁମତି ବ୍ୟତୀତ, ଯାହା ପ୍ରାପ୍ତ ହୋଇନଥିଲା, ବ୍ୟାଙ୍କ ଶ୍ରମିକମାନଙ୍କୁ ବରଖାସ୍ତ କରିପାରିବ ନାହିଁ ଏବଂ ସେହି ଅନୁଯାୟୀ ବରଖାସ୍ତ ଅବୈଧ ଥିଲା ।

ଶିଳ୍ପ ବିବାଦ ଅଧିନିୟମ, 1947 ର ଧାରା 33, ଧର୍ମଘଟ ଏବଂ ତାଲା ବନ୍ଦ ପାଇଁ ମଧ୍ଯ ପ୍ରଯୁଜ୍ୟ, ଯଦିଓ ଏହା ପଞ୍ଚମ ଅଧ୍ୟାୟରେ ନାହିଁ ଯାହାର ଶୀର୍ଷକ ରହିଛି "ଧର୍ମଘଟ ଏବଂ ତାଲା ବନ୍ଦ" କିନ୍ତୁ ଏହା ସପ୍ତମ ଅଧ୍ୟାୟରେ ରହିଛି ଯାହାର ଶୀର୍ଷକ ହେଉଛି "ବିବିଧ"|

ଦେୱାନୀ ଆବେଦନ ଅଧିକରିତା: 1952 ର ଦେୱାନୀ ଆବେଦନ ସଂଖ୍ୟା 181 |

1952 ମସିହା ଫେବୃଆରୀ ମାସ 9 ତାରିଖରେ ଦିଲ୍ଲୀର ଶିଳ୍ପ ନ୍ୟାୟାଧିକରଣ ଅଧକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିଷ୍ପତ୍ତିକୁ ଆବେଦନ ସଂଖ୍ୟା କଲିକତା 366/51, କଲିକତା 69/52 ଏବଂ କଲିକତା 70/52 ଦ୍ୱାରା କଲିକତା ସ୍ଥିତ ଭାରତୀୟ ଶ୍ରମ ଅପିଲ ନ୍ୟାୟାଧିକରଣର 1952 ମସିହା ଡିସେମ୍ବର 22 ତାରିଖରେ ପ୍ରଦାନ କରାଯାଇଥିବା ନିର୍ଣ୍ଣୟରୁ ବିଶେଷ ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 1952 ମସିହା ଅକ୍ଟୋବର 16 ତାରିଖରେ ଅନୁମତି ପ୍ରଦାନ କରାଗଲା ।

ଆବେଦନକାରୀଙ୍କ ପାଇଁ ଏମ୍. ସି. ସେତାଲୱାଡ୍ (ଭାରତର ଆଟର୍ଣ୍ଣି ଜେନେରାଲ) ଏବଂ ଏନ୍. ସି. ଚାଟାର୍ଜୀ (ସେମାନଙ୍କ ସହିତ ଆର୍. ଏଲ୍. ଅଗ୍ରୱାଲ୍) ।

ଉତ୍ତରଦାତାମାନଙ୍କ ପାଇଁ ଏ. ଏସ୍. ଆର୍. ଚାରି ଏବଂ ହରଦୟାଲ ହାର୍ଡି ।

1953. ଏପ୍ରିଲ 10 । ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ପ୍ରଧାନ ନ୍ୟାୟାଧୀଶ ପତଞ୍ଜଲି ଶାସ୍ତ୍ରୀ: ଆବେଦନକାରୀ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଲିମିଟେଡ୍, ଦିଲ୍ଲୀ (ଏହା ପରେ ବ୍ୟାଙ୍କ ଭାବରେ ସୂଚିତ ହୋଇଛି) ଏବଂ ଉତ୍ତରଦାତା, ଏହାର ଶ୍ରମିକଗଣଙ୍କୁ ପ୍ରତିନିଧିତ୍ୱ କରୁଥିବା ସଂଘ, ମଧ୍ୟରେ କେତେକ ବିବାଦ ଉପରେ ବିଚାର କରିବାକୁ ଗଠିତ ଶିଳ୍ପ ନ୍ୟାୟାଧିକରଣ ଦ୍ୱାରା 1952 ମସିହା ଫେବୃଆରୀ 9 ତାରିଖରେ ଦିଆଯାଇଥିବା ଏକ ରାୟକୁ ରଦ୍ଦ କରି, 1952 ମସିହା ସେପ୍ଟେମ୍ବର 22 ତାରିଖରେ କଲିକତାରେ ଭାରତର ଶ୍ରମ ଅପିଲ ନ୍ୟାୟାଧିକରଣର ଏକ ନିର୍ଣ୍ଣୟରୁ ବିଶେଷ ଅନୁମତି ଦ୍ୱାରା ଏହା ଏକ ଆବେଦନ ।

ଏହି ଆବେଦନକୁ ଆଗେଇ ନେଉଥିବା ତଥ୍ୟଗୁଡ଼ିକ ସଂକ୍ଷେପରେ କୁହାଯାଇପାରେ । ପକ୍ଷମାନଙ୍କ ମଧ୍ୟରେ ଅନେକ ବିବାଦ 1950 ମସିହା ଫେବୃଆରୀ 21 ତାରିଖରେ ଶ୍ରୀ କେ. ଏସ୍. କ୍ୟାମ୍ପବେଲ୍-ପୁରୀଙ୍କ ଅଧକ୍ଷତାରେ ଅନ୍ୟ ଏକ ଶିଳ୍ପ ନ୍ୟାୟାଧିକରଣକୁ ପଠାଯାଇଥିଲା ଏବଂ ଉକ୍ତ ନ୍ୟାୟାଧିକରଣ ସମ୍ମୁଖରେ କାର୍ଯ୍ୟାନୁଷ୍ଠାନ ବିଚାରଧୀନ ଥିବାବେଳେ ବ୍ୟାଙ୍କ ଅଭିଯୋଗ କରିଥିଲା

ଯେ ଉତ୍ତରଦାତାମାନେ ଏକ ହଜାରରୁ ଊର୍ଦ୍ଧ୍ୱ ଅନ୍ୟ ଶ୍ରମିକଙ୍କ ସହ ମିଶି ଅବୈଧ ଭାବେ ଏକ ନୂତନ ବିବାଦ ସମ୍ବନ୍ଧରେ 1951 ମସିହା ଏପ୍ରିଲ୍ 18 ତାରିଖରେ ଏକ ସାଧାରଣ ଧର୍ମଘଟ ଆରମ୍ଭ କରିଥିଲେ । ଏହା ପରେ, ଧର୍ମଘଟକାରୀମାନଙ୍କୁ ବିଜ୍ଞପ୍ତି ଜାରି କରାଯାଇଥିଲା ଯେ ଯଦି ସେମାନେ 1951 ମସିହା ଏପ୍ରିଲ୍ 24 ତାରିଖ ସୁଦ୍ଧା କାମକୁ ନ ଫେରନ୍ତି, ତେବେ ସେମାନେ ନିଜ ଇଚ୍ଛାରେ ସେବା ଛାଡିଛନ୍ତି ବୋଲି ବିବେଚନା କରାଯିବ । ଧର୍ମଘଟକାରୀମାନଙ୍କ ଦ୍ୱାରା ସେହି ବିଜ୍ଞପ୍ତିକୁ ଅଣଦେଖା କରାଯିବା ପରେ, 1951 ମସିହା ଏପ୍ରିଲ 27 ତାରିଖରେ ସେମାନଙ୍କ ସେବା ସମାପ୍ତ କରି ସେମାନଙ୍କୁ ଦ୍ୱିତୀୟ ବିଜ୍ଞପ୍ତି ଜାରି କରାଯାଇଥିଲା । ଏହା ପରେ ଭାରତ ସରକାର ହସ୍ତକ୍ଷେପ କରିଥିଲେ ଏବଂ ସରକାରୀ ଅଧିକାରୀ ଏବଂ ବ୍ୟାଙ୍କ ମଧ୍ୟରେ ହୋଇଥିବା ଆଲୋଚନାର ଫଳସ୍ୱରୂପ, ବ୍ୟାଙ୍କ 150 ଜଣ କର୍ମଚାରୀ, ଯେଉଁମାନଙ୍କ ବିରୋଧରେ ଧ୍ୱଂସାତ୍ମକ କାର୍ଯ୍ୟକଳାପ ଏବଂ ଧର୍ମଘଟ ପୂର୍ବରୁ ଏବଂ ସମୟରେ ଅନ୍ୟାନ୍ୟ ଆପତ୍ତିଜନକ ତଥା ବେଆଇନ ଆଚରଣ ହେତୁ ଅଭିଯୋଗ ହେଇଥିଲା, ତାଙ୍କୁ ଛାଡ଼ି ଅନ୍ୟ ସମସ୍ତ କର୍ମଚାରୀଙ୍କୁ ଫେରାଇ ନେବାକୁ ରାଜି ହୋଇଥିଲା । ଜୁଲାଇ 2, 1951 ରେ, ଭାରତ ସରକାର ଉପରୋକ୍ତ 150 ଜଣ କର୍ମଚାରୀଙ୍କ ବରଖାସ୍ତ ଇତ୍ୟାଦି ସମ୍ବନ୍ଧୀୟ ପ୍ରଶ୍ନର ନିଷ୍ପତ୍ତି ନେବା ପାଇଁ ଏକ ନ୍ୟାୟାଧିକରଣ ଗଠନ କରିଥିଲେ, ଏବଂ ସେହି ନ୍ୟାୟାଧିକରଣ ପକ୍ଷମାନଙ୍କ ତରଫରୁ ମାମଲାର ବିବୃତ୍ତି ମାଗିବା ଏବଂ ସେମାନଙ୍କ ଶୁଣାଣି କରିବା ପରେ, ଫେବୃଆରୀ 9, 1951 ରେ ଏକ ରାୟ ପ୍ରଦାନ କରିଥିଲେ ଯେଉଁଥିରେ ପୁନଃସ୍ଥାପନକୁ କେବଳ ଏହି ଆଧାରରେ ପ୍ରତ୍ୟାଖ୍ୟାନ କରାଗଲା ଯେ ପ୍ରତିବାଦୀମାନେ ଶିଳ୍ପ ବିବାଦ ଅଧିନିୟମ ଧାରା 23 (ଖ) ର ଉଲ୍ଲଂଘନ କରି ଅବୈଧ ଧର୍ମଘଟ କରିଥିଲେ ଏବଂ ବ୍ୟାଙ୍କ ସେମାନଙ୍କୁ ବରଖାସ୍ତ କରିବାକୁ ହକଦାର ଥିଲା । କିନ୍ତୁ ନ୍ୟାୟାଧିକରଣ ଉତ୍ତରଦାତାମାନଙ୍କୁ ବରଖାସ୍ତ ତାରିଖ ଠାରୁ ରାୟ ପ୍ରକାଶନ ତାରିଖ ପର୍ଯ୍ୟନ୍ତ ଅଧା ହାରରେ ଦରମା ଏବଂ ଭତ୍ତା ମାଧ୍ୟମରେ କ୍ଷତିପୂରଣ ପ୍ରଦାନ କରିଥିଲେ ।

ପ୍ରତିବାଦୀମାନେ କଲିକତାର ଶ୍ରମ ଅପିଲ ନ୍ୟାୟାଧିକରଣଙ୍କୁ ଆବେଦନ କରିଥିଲେ, ଯିଏ କି ଶିଳ୍ପ ନ୍ୟାୟାଧିକରଣଙ୍କ ସହିତ ସହମତ ହୋଇ କହିଥିଲେ ଯେ ଧର୍ମଘଟ ଅବୈଧ ଥିଲା, ଏବଂ ବିଚାର କରିଥିଲେ ଯେ, ଏହା ବ୍ୟାଙ୍କ ଦ୍ୱାରା କ୍ଷମା କରାଯାଇଥିଲା ଏବଂ ସେହି କାରଣରୁ ଅବୈଧ ଧର୍ମଘଟରେ ଅଂଶଗ୍ରହଣ କରିଥିବା ଆଧାରରେ ପ୍ରତିବାଦୀମାନଙ୍କୁ ବରଖାସ୍ତ କରିବାର ଯଥାର୍ଥତା ଦେବା ପାଇଁ ବ୍ୟାଙ୍କର ସାମର୍ଥ୍ୟ ନଥିଲା । ଅପିଲ ନ୍ୟାୟାଧିକରଣ ଆହୁରି ମଧ୍ୟ କହିଛନ୍ତି ଯେ ଉତ୍ତରଦାତାମାନଙ୍କୁ ବରଖାସ୍ତ କରିବା ଭୁଲ ଥିଲା କାରଣ ସେମାନଙ୍କ ମଧ୍ୟରୁ କାହାରି ବିରୋଧରେ ହିଂସା କିମ୍ବା ଧ୍ୱଂସାତ୍ମକ କାର୍ଯ୍ୟକଳାପ ଆଧାରରେ କୌଣସି ଅଭିଯୋଗ ଗଠନ କରାଯାଇ ନାହିଁ

ଏବଂ ସେମାନଙ୍କ ସ୍ପଷ୍ଟୀକରଣ ମଗା ଯାଇନାହିଁ । ତଦନୁସାରେ ଅପିଲ ନ୍ୟାୟାଧିକରଣ ଚିନ୍ତା କଲେ ଯେ ତାଙ୍କ ଆଦେଶରେ ଉଲ୍ଲିଖିତ କେତେକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଅଧିକ ପ୍ରମାଣ ଆବଶ୍ୟକ ଥିଲା ଏବଂ ଏହିପରି ପ୍ରମାଣ ଗ୍ରହଣ କରାଯିବା ପର୍ଯ୍ୟନ୍ତ ଉତ୍ତରଦାତାମାନେ ପୁନଃସ୍ଥାପନ ପାଇଁ ହକଦାର କି ନାହିଁ ସେ ବିଷୟରେ ତାଙ୍କର ନିର୍ଣ୍ଣୟ ସଂରକ୍ଷିତ ରଖିଥିଲେ ।

ବ୍ୟାଙ୍କ ପାଇଁ ବିଜ୍ଞ ଓକିଲ ଏହି ଆବେଦନକୁ ସମର୍ଥନ କରି ଦୁଇଟି ଯୁକ୍ତି ଉପସ୍ଥାପନ କରିଥିଲେ । ବ୍ୟାଙ୍କ, ଏହି ମାମଲାର ପରିସ୍ଥିତିରେ, ଉତ୍ତରଦାତାମାନଙ୍କ ଦ୍ୱାରା ଏହି ଅବୈଧ ଧର୍ମଘଟକୁ କ୍ଷମା କରିଥିବା ଉପସଂହାରର ସଠିକତାକୁ ସେ ବିରୁଦ୍ଧ କରି ଆପତ୍ତି କରିଥିଲେ, ଏବଂ ଏହା ଦାବି କରିଥିଲେ ଯେ ଏହି ବେଆଇନ ଧର୍ମଘଟକୁ ନିର୍ଭର କରି ଉତ୍ତରଦାତାମାନଙ୍କୁ କରାଯାଇଥିବା ବରଖାସ୍ତକୁ ଯଥାର୍ଥ ଦର୍ଶାଇବାର ସାମର୍ଥ୍ୟ ବ୍ୟାଙ୍କର ଥିଲା । ସେହି ଆଧାରରେ ବିଦ୍ୱାନ ଓକିଲ ଯୁକ୍ତି କରିଥିଲେ ଯେ ବ୍ୟାଙ୍କର ସେବାରେ ଉତ୍ତରଦାତାମାନଙ୍କୁ ପୁନଃସ୍ଥାପିତ କରିବାର କୌଣସି ପ୍ରଶ୍ନ ଆଉ ରହିପାରିବ ନାହିଁ କାରଣ ଆଇନ ଆଖିରେ ଏହିପରି ପୁନଃସ୍ଥାପନ ବ୍ୟାଙ୍କକୁ ସେହି ଉତ୍ତରଦାତାମାନଙ୍କୁ ଏହାର ସେବାରେ ନୂତନ ଭାବରେ ନିଯୁକ୍ତ କରିବାକୁ ବାଧ କରିବ, ଯାହାକି ଅପିଲ ନ୍ୟାୟାଧିକରଣଙ୍କ ଅଧିକାରିତା କ୍ଷେତ୍ର ବାହାରେ ଥିଲା । ତଦନୁସାରେ ସେ ନିବେଦନ କରିଥିଲେ ଯେ ଏହି ନ୍ୟାୟାଳୟ ଉକ୍ତ ଆଦେଶ ଦ୍ୱାରା ନିର୍ଦ୍ଦେଶିତ ପରବର୍ତ୍ତୀ ତଦନ୍ତକୁ ଅଗ୍ରାହ୍ୟ କରି ସେପ୍ଟେମ୍ବର 22, 1952 ରେ ଶ୍ରମ ଅପିଲ ନ୍ୟାୟାଧିକରଣ ଦେଇଥିବା ଆଦେଶକୁ ବାତିଲ କରିବା ଉଚିତ୍ ।

ଅବୈଧ ଧର୍ମଘଟକୁ କ୍ଷମା କିମ୍ବା ଛାଡ଼ର ପ୍ରଶ୍ନ ଉପରେ କୌଣସି ମତ ପ୍ରକାଶ କରିବା ଅନାବଶ୍ୟକ ବୋଲି ଆମେ ବିବେଚନା କରୁ; କାରଣ, ଯଦି ଏପରି କୌଣସି କ୍ଷମା କିମ୍ବା ଛାଡ ନଥିଲା ଏବଂ ଅବୈଧ ଧର୍ମଘଟକୁ ଏକ ବୈଧ ଆଧାର ଭାବରେ ବିବେଚନା କରି ଉତ୍ତରଦାତାମାନଙ୍କୁ ବରଖାସ୍ତ କରିବା ବ୍ୟାଙ୍କର ସାମର୍ଥ୍ୟ ଥିଲା, ତେବେ ଆମର ମତ ହେଉଛି ଯେ ଶିଳ୍ପ ବିବାଦ ଅଧିନିୟମ, 1947 ର ଧାରା 33, ପରବର୍ତ୍ତୀ ଯୁକ୍ତିର ଏକ ସଂକ୍ଷିପ୍ତ ଉତ୍ତର ଆଦେଶ କରେ ଯେ ଅପିଲ ନ୍ୟାୟାଧିକରଣଙ୍କ ଉତ୍ତରଦାତାମାନଙ୍କୁ ପୁନଃସ୍ଥାପନ କରିବା ଆଦେଶ ଦେବା ପାଇଁ କୌଣସି ଅଧିକାରିତା ନଥିଲା । ସେହି ଧାରା, ଅନ୍ୟାନ୍ୟ ବିଷୟ ମଧ୍ୟରେ, କହିଅଛି ଯେ କୌଣସି ଶିଳ୍ପ ବିବାଦ ସମ୍ବନ୍ଧରେ ଯେବେ ଏକ ନ୍ୟାୟାଧିକରଣ ସମ୍ମୁଖରେ କୌଣସି କାର୍ଯ୍ୟାନୁଷ୍ଠାନ ବିଚାରଧୀନ ଥାଏ, ତବେ କୌଣସି ନିଯୁକ୍ତିଦାତା ଉକ୍ତ ନ୍ୟାୟାଧିକରଣର ଲିଖିତ ଅନୁମତି ବ୍ୟତୀତ ବିବାଦରେ ସମ୍ପୃକ୍ତ କୌଣସି ଶ୍ରମିକଙ୍କୁ ବରଖାସ୍ତ କିମ୍ବା ଅନ୍ୟ ଉପାୟରେ ନିର୍ବାହ କରି ପାରିବେ

ନାହିଁ । ସ୍ୱୀକାରଯୋଗ୍ୟ, ଏପରି କୌଣସି ଅନୁମତି ପ୍ରାପ୍ତ ହୋଇନଥିଲା । ଯଦି ଶ୍ରୀ କ୍ୟାମ୍ପବେଲ-ପୁରୀଙ୍କ ସମ୍ମୁଖରେ ବିଚାରଧୀନ କାର୍ଯ୍ୟାନୁଷ୍ଠାନ, ଅଧିନିୟମ 23 (ଖ) ଅନୁଯାୟୀ ଉତ୍ତରଦାତାମାନଙ୍କ ଧର୍ମଘଟକୁ ଅବୈଧ ଘୋଷଣା କରିଲେ, ତେବେ ଧାରା 33 ଦ୍ୱାରା ଆବଶ୍ୟକ ଅନୁଯାୟୀ ତାଙ୍କ ଅନୁମତି ନନେଇ ବ୍ୟାଙ୍କ ଦ୍ୱାରା ଉତ୍ତରଦାତାମାନଙ୍କୁ ବରଖାସ୍ତ କରିବା ମଧ୍ୟ ଅବୈଧ ଥିଲା । ଆଟର୍ଣ୍ଣି ଜେନେରାଲଙ୍କ ତର୍କରେ ଆମେ କୌଣସି ଶକ୍ତି ଦେଖୁନାହୁଁ ଯେ ଏହି ଧାରାର ଏହି ମାମଲାରେ କୌଣସି ପ୍ରୟୋଗ ନାହିଁ ଯେହେତୁ ଧର୍ମଘଟ ଏବଂ ତାଲା-ବନ୍ଦ ଏକ ଭିନ୍ନ ଅଧ୍ୟାୟରେ, ପଞ୍ଚମ ଅଧ୍ୟାୟରେ, ପଦକ୍ଷେପ ନିଆଯାଏ, ଏବଂ ଯେହେତୁ ଉତ୍ତରଦାତାମାନେ ଶ୍ରୀ କ୍ୟାମ୍ପବେଲ-ପୁରୀଙ୍କ ସମ୍ମୁଖରେ ବିଚାରାଧୀନ ଥିବା ବିବାଦରେ ସଂପୃକ୍ତ ନଥିଲେ । ଧାରା ୩୩ର ପରିଭାଷା ଏହି ମାମଲାରେ ଯଥେଷ୍ଟ ବ୍ୟାପକ ଅଟେ ଏବଂ ଏହା ଯେ, "ବିବିଧ" ଶୀର୍ଷକ ଥିବା ସପ୍ତମ ଅଧ୍ୟାୟରେ ସ୍ଥାନ ପାଇଛି, ତାହା କୌଣସି ପ୍ରକାରେ ଏହାର ସାଧାରଣ ପ୍ରୟୋଗ ସହିତ ଅସଙ୍ଗତ ନୁହେଁ, ଯାହା, ଯେକୌଣସି ଆଧାରରେ ହେଉନା କାହିଁକି, ସମସ୍ତ ମାମଲାରେ ଲାଗୁ ହୋଇଥାଏ । 1950ର ଅଧିନିୟମ XLVIII ଦ୍ୱାରା ଏହି ଧାରାର ନିକଟରେ ହୋଇଥିବା ସଂଶୋଧନ ଦ୍ୱାରା ଏହା ଦର୍ଶାଯାଇଛି, ଯେଉଁଥିରେ ନୂତନ ପ୍ରତିସ୍ଥାପିତ ଧାରାରେ "ବିବାଦ ସହିତ ଜଡିତ ନଥିବା ଅସଦାଚରଣ ବ୍ୟତୀତ" ଶବ୍ଦଗୁଡ଼ିକୁ ହଟାଇ ଦିଆଯାଇଛି । ଏହା ସମାନ ଭାବରେ ସ୍ପଷ୍ଟ ଯେ ଶ୍ରୀ କ୍ୟାମ୍ପବେଲ-ପୁରୀଙ୍କ ସମ୍ମୁଖରେ ବିଚାରାଧୀନ ବିବାଦରେ ଉତ୍ତରଦାତାମାନେ ସଂପୃକ୍ତ ଅଛନ୍ତି, କାରଣ ଏହା ସ୍ୱୀକାର କରାଯାଇଛି ଯେ ତାଙ୍କ ଦ୍ୱାରା ଦିଆଯାଇଥିବା ଯେକୌଣସି ନିଷ୍ପତ୍ତି ଉତ୍ତରଦାତାମାନଙ୍କୁ ଆଇନତଃ ବାଧ୍ୟ କରିବ । ଧାରା 33 ଏହି ମାମଲା ପାଇଁ ପ୍ରଯୁଜ୍ୟ ହୋଇଥିବାରୁ, ଉତ୍ତରଦାତାମାନଙ୍କୁ ବହିଷ୍କାର କରିବା ବିଧି ସମ୍ମତ ଥିଲା ଏବଂ ଫଳସ୍ୱରୂପ ନ୍ୟାୟାଧିକରଣଙ୍କ ସେମାନଙ୍କ ପୁନଃସ୍ଥାପନର ନିର୍ଦ୍ଦେଶ ଦେବା ପାଇଁ କୌଣସି ଅଧିକରିତା ନଥିଲା ବୋଲି ବ୍ୟାଙ୍କର ଯୁକ୍ତି ଭୁଲ୍ ପ୍ରମାଣିତ ହୋଇଛି ।

ତେଣୁ ଆମ୍ଭେ ଶ୍ରମ ଆବେଦନ ନ୍ୟାୟାଧିକରଣ ଦ୍ୱାରା ଦିଆଯାଇଥିବା ଆଦେଶରେ ହସ୍ତକ୍ଷେପ କରିବାର କୌଣସି କାରଣ ଦେଖୁନାହୁଁ ଏବଂ ସେହି ଅନୁଯାୟୀ ଆମେ ଖର୍ଚ୍ଚ ସହିତ ଆବେଦନକୁ ଖାରଜ କରୁଛୁ ।

ଆବେଦନ ଖାରଜ କରାଗଲା ।

ଆବେଦନକାରୀଙ୍କ ପାଇଁ ପ୍ରତିନିଧି: ଗଣପତ୍ ରାୟ୍ ।

ଉତ୍ତରଦାତାଙ୍କ ପାଇଁ ପ୍ରତିନିଧି: ଭି. ପି. କେ. ନାମ୍ବିୟାର୍ ।

## <u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***<u>ଭାଷାନ୍ତର :</u>***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।